## ସଂକ୍ଷେପରେ

### ଜାତୀୟ ଯୁବ ଉତ୍ସବରେ ଜୟପୁରର ଛାତ୍ରୀ



**ଜୟପୁର,୧୦।୧(ନି.ପ୍ର.):** ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁରର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ପଙ୍କଜିନୀ ଦଳାଇ ଜାତୀୟ ଯୁବ ଦିବସ ସମାବେଶରେ ଯୋଗଦେବା ପାଇଁ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଯାତ୍ରା କରିଛନ୍ତି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ରାଷ୍ଟ୍ରୀୟ ଉତ୍ସବ ପାଇଁ ଓଡ଼ିଶା ସରକାରଙ୍କ ଏନ୍ଏସ୍ଏସ୍ ବ୍ୟୁରୋର ଚିଠି ନଂ ୧୦୯୮-୧୨୦୯ ତା ୧୨।୧୨।୧୯ ଅନୁସାରେ ଓଡ଼ିଶାରୁ ୫୦ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସେଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଜୟପୁର ସରକାରୀ ମହାବିଦ୍ୟାଳୟର ଏକମାତ୍ର ଛାତ୍ରୀ ଭାବେ ଜିଲାସ୍ତରରେ ପ୍ରତିନିଧିତ୍ୱ କରୁଛନ୍ତି ପଙ୍କଜିନୀ। ଏହି ରାଷ୍ଟ୍ରୀୟ ଯୁବ ଉତ୍ସବ ଜାନୁଆରୀ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନାଚ, ଗୀତ ଓ ଅନ୍ୟ ପାଠ୍ୟ କାର୍ଯ୍ୟକ୍ରମରେ ପ୍ରବୀଣା ଥିବା ପଙ୍କଜିନୀ ବର୍ତ୍ତମାନ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ। ଏନ୍ଏସ୍ଏସ୍ର ଜଣେ ଉତ୍ତମ ସ୍ୱେଚ୍ଛାସେବୀ ଭାବେ ପଙ୍କଜିନୀ ଲକ୍ଷ୍ନୌରେ ଆୟୋଜିତ ହେବାକୁ ଥିବା ଯୁବ ଉତ୍ସବରେ ନିଜ ପ୍ରତିଭା ଦେଖାଇ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ଜିଲାର ଟେକ ରଖିବେ ବୋଲି କଲେଜର ଅଧ୍ୟକ୍ଷା ମନୋରମା ଦେବୀ, ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ମନୋରଞ୍ଜନ ପ୍ରଧାନ ଆଶାବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି ।

### ଖେଲୋ ଇଣ୍ଡିଆ ପାଇଁ ବୈଷୟିକ ଅଧିକାରୀ



**ଦାମନଯୋଡ଼ି,୧୦।୧(ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଭାରାୀୟ କ୍ରୀଡ଼ା ପ୍ରାଧିକରଣ ଦ୍ୱାରା ତୃତୀୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଆସାମର ଗୌହାଟୀରେ ଆୟୋଜିତ ହେବ। ଆସନ୍ତା ୧୧ରୁ ଆରମ୍ଭ ହୋଇ ଏହା ୧୪ ତାରିଖରେ ଶେଷ ହେବ। ଏହି ସମ୍ମାନଜନକ ଜାତୀୟ କ୍ରୀଡ଼ା ପାଇଁ ଭାରତୀୟ ଆଥଲେଟିକ ଆସୋସିଏଶନର ପ୍ରସ୍ତାବ କ୍ରମେ ଦାମନଯୋଡ଼ି ସରସ୍ୱତୀ ବିଦ୍ୟାମନ୍ଦିରର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ଆଥଲେଟିକ୍ସ ବିଭାଗରେ ବୈଷୟିକ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ କାର୍ଯ୍ୟ ନିର୍ବାହ ପାଇଁ ଡ. ସ୍ୱାଇଁ ନିକଟରେ ଗୌହାଟୀ ଗସ୍ତ କରିଛନ୍ତି। ସେ ଏହା ପୂର୍ବରୁ ଏସିଆନ ଆଥଲେଟିକ୍ସ ମିଟ୍, ବହୁବାର ଜାତୀୟ ଆଥଲେଟିକ ଚାମ୍ପିୟନଶିପ୍ରେ ବୈଷୟିକ ଅଧିକାରୀ କାର୍ଯ୍ୟ ତୁଲାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ଓଡ଼ିଶା ଓ ଜିଲା ଆଥଲେଟିକ ଆସୋସିଏଶନ, କୋରାପୁଟ ଜିଲା ସମ୍ପାଦକ ଅନୁପ କୁମାର ପାତ୍ର, ଉପଖଣ୍ଡ ଆଥଲେଟିକ ଆସୋସିଏଶନ ସମ୍ପାଦକ ରବି ନାୟକ, ବିଦ୍ୟାଳୟ ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କୁ ଶ୍ରେୟ ଦେଇଛନ୍ତି।

## ଜାଲଚାଷୀ ଠାବ ପରେ ପ୍ରଶାସନିକ ତତ୍ପରତା

# ଏବେ ଚିହ୍ନଟ ହେବେ ଭାଗଚାଷୀ

### ଜିଲାରେ ପଞ୍ଜିକୃତ ହୋଇଛନ୍ତି ୪୨୭୪ ଭାଗଚାଷୀ

**ଜୟପୁର,୧୦।୧ (ଡି.ଏନ୍.ଏ.)**

ଜୟପୁର ବ୍ଲକ ଫାମ୍ପୁଣି ପଞ୍ଚାୟତରେ ଜାଲଚାଷୀ ଧରାପଡ଼ିବା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ଜିଲାର ସମସ୍ତ ବ୍ଲକରେ ପ୍ରକୃତ ଭାଗଚାଷୀଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି ପ୍ରଶାସନ। ଏନେଇ ବ୍ଲକର ଯୋଗାଣ ନିରୀକ୍ଷକ, ରାଜସ୍ୱ ନିରୀକ୍ଷକ ଓ କୃଷି ଗ୍ରାମସେବକଙ୍କୁ ନେଇ ଗଠିତ ସ୍କ୍ୱାଡ୍ ଯାଞ୍ଚ ଆରମ୍ଭ କରିଛନ୍ତି। ତଦନ୍ତ ପରେ ପ୍ରକୃତ ଭାଗଚାଷୀ କେତେ ରହିଛନ୍ତି, ସେନେଇ ତଥ୍ୟ ମିଳିବା ପରେ ଜାଲ ଭାଗଚାଷୀଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ମଣ୍ଡିରେ ଧାନ ବିକ୍ରି ହୋଇସାରିଥିଲେ ମଧ୍ୟ ଭାଗଚାଷୀ ଜାଲ ବୋଲି ଯାଞ୍ଚ ବେଳେ ଜଣାପଡ଼ିଲେ ପଦକ୍ଷେପ ନେବ ପ୍ରଶାସନ।

ଉଲ୍ଲେଖଯୋଗ୍ୟ, ଜିଲାରେ ୪୨୭୪ ଜଣ ଭାଗଚାଷୀ ନାମ ପଞ୍ଜିକରଣ କରିଛନ୍ତି। କିନ୍ତୁ ଏନେଇ ମାତ୍ର ୪୨୫୨ ଜଣ ଜମି ମାଲିକଙ୍କଠାରୁ ଭାଗଚାଷ କରୁଥିବା ସମ୍ପର୍କିତ ସମସ୍ତ କାଗଜପତ୍ର କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଛନ୍ତି। ଅବଶିଷ୍ଟ ୨୮ ଜଣ ଏନେଇ କୌଣସି କାଗଜାତ ଦାଖଲ କରିପାରି ନାହାନ୍ତି। ପଞ୍ଜିକୃତ ଭାଗଚାଷୀଙ୍କ ମଧ୍ୟରେ ବୋରିଗୁମ୍ମା ବ୍ଲକରେ ସର୍ବାଧିକ ୧୬୦୬ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୦୦ ଜଣ ଏନେଇ ସମସ୍ତ କାଗଜପତ୍ର ଦେଇଛନ୍ତି। ସେହିପରି ଜୟପୁର ବ୍ଲକରେ ୧୦୯୫ ଜଣଙ୍କ ମଧ୍ୟରୁ ୧୦୯୧ ଜଣ, କୁନ୍ଦୁରା ବ୍ଲକରେ ୭୨୧ ଜଣଙ୍କ ମଧ୍ୟରୁ ୭୧୫ ଜଣ, କୋଟପାଡ଼ରେ ୪୬୭ ଜଣଙ୍କ ମଧ୍ୟରୁ ୪୬୨ ଜଣ ଏବଂ ସେମିଳିଗୁଡ଼ାରେ ୨ ଜଣଙ୍କ ମଧ୍ୟରୁ ଜଣେ ଭାଗଚାଷୀ ସମସ୍ତ କାଗଜପତ୍ର ଦାଖଲ କରିଛନ୍ତି। ବନ୍ଧୁଗାଁରେ ୭, ବୈପାରୀଗୁଡ଼ା ୩୧୦, ଦଶମନ୍ତପୁର ୪୭, କୋରାପୁଟ ୬, ଲମତାପୁଟ ୮, ନନ୍ଦପୁର ୩, ପଟ୍ଟାଙ୍ଗିରେ ୨ ଜଣ ଭାଗଚାଷୀ ରହିଛନ୍ତି। ନାରାୟଣପାଟଣା ଓ ଲକ୍ଷ୍ମୀପୁର ପଞ୍ଚାୟତରେ କୌଣସି ଭାଗଚାଷୀ ନାହାନ୍ତି।

### ଲ୍ୟାମ୍ପ ଏମ୍‌ଡି, ଅପରେଟରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଗତ ମାସରେ ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମରେ ତଦନ୍ତ କରିବା ବେଳେ ୪୫ ଜଣଙ୍କ ମଧ୍ୟରୁ ୪୩ ଜଣ ଜାଲ ଭାଗଚାଷୀଙ୍କୁ ଧରିଥିଲେ। ଏହି ଘଟଣାରେ ଉମୁରୀ ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କ ବିରୋଧରେ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଲ୍ୟାମ୍ପ ପରିଚାଳନା ପକ୍ଷରୁ ଥାନାରେ ଏତଲା ଦିଆଯିବ। ଏଥିପାଇଁ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ରାଜ୍ୟ ସମବାୟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ କାର୍ଯ୍ୟକାରୀ କରା ନ ଗଲେ ଡିଆରସିଏସ୍ଙ୍କ ପକ୍ଷରୁ ଥାନାରେ ଏତଲା ଦେବା ପାଇଁ ଚିଠିରେ ନିର୍ଦ୍ଦେଶ ରହିଛି।



ପୌଷ ପୂର୍ଣ୍ଣିମାରେ ଜୟପୁର ଜଗନ୍ନାଥ ମନ୍ଦିରରେ ରାମବେଶ ।

## ଜଗନ୍ନାଥଙ୍କ ପୁଷ୍ୟାଭିଷେକ

**ଜୟପୁର,୧୦।୧(ନି.ପ୍ର.)**

ପୌଷ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଜୟପୁର ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ପୁଷ୍ୟାଭିଷେକ କରାଯାଇଛି। ଏହି ପବିତ୍ର ଦିନରେ ମହାପ୍ରଭୁଙ୍କୁ ରାମ ବେଶରେ ସଜ୍ଜିତ କରାଯାଇଥିଲା। ପ୍ରାତଃକାଳରୁ ବରୁଣ ପୂଜା ସହ ଷୋଡ଼ଶ ଉପଚାର କରାଯାଇ ପଇତା ଧାରଣ କରାଯାଇଥିଲା। ସ୍ୱତନ୍ତ୍ର ଆଳତି, ପୂଜା, ଭୋଗ ଲାଗି ହୋଇଥିଲା। ପୁରୋହିତ କୃଷ୍ଣଚନ୍ଦ୍ର ଦାସ ପୂଜାପାଠ କରିଥିବା ବେଳେ ସେବାୟତ ଉମ୍ବରୁଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ସହଯୋଗ କରିଥିଲେ। ଜଗନ୍ନାଥଙ୍କ ରାମ ଅବତାର ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ବେଶ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପୁଷ୍ୟାଭିଷେକ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସବୁ ବ୍ୟବସ୍ଥା ହୋଇଥିଲା।



ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ମଞ୍ଚରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟ ଅତିଥିମାନେ ।

## ଉଦ୍‌ଯାପିତ ହେଲା ରୌପ୍ୟ ଜୟନ୍ତୀ

**ପଟ୍ଟାଙ୍ଗି,୧୦।୧(ଡି.ଏନ୍.ଏ.)**

ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଦିନିଆ ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଅଧ୍ୟାପକଙ୍କ ସହ ସୁସମ୍ପର୍କ ରଖି ଭଲ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ଉତ୍ସବର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କୁ ସମ୍ମାନିତ କରିବା ସହ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ରବିନାରାୟଣ ପାତ୍ର ଏହି ବିଦ୍ୟାଳୟକୁ ଗଢ଼ିବାରେ ଯେଉଁ ଉଦ୍ୟମ ଓ ସହଯୋଗ ରହିଛି, ତାହା ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରି ଏହାର ପ୍ରତିଷ୍ଠାତା ରାମ ପ୍ରସାଦ ଚୌଧୁରୀଙ୍କୁ ସମ୍ମାନିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ସ୍ଥାନୀୟ ବିଧାୟକ ପ୍ରୀତମ ପାଢ଼ୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଉଚ୍ଚ ବିଦ୍ୟାଳୟର ପୂର୍ବତନ ସହ ସମ୍ପାଦକ ନୃସିଂହନାଥ ବେହେରା, ଉମା ମହେଶ୍ୱର ରାଓ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଯଜ୍ଞେଶ୍ୱର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲ ବିବରଣୀ ପାଠ କରିବା ସହ ବିଦ୍ୟାଳୟରେ ଆବଶ୍ୟକ ଥିବା ହଷ୍ଟେଲ ଓ ଶୌଚାଳୟ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିଲେ। ଦାମନଯୋଡ଼ିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ସଙ୍ଗୀତ ଗୁରୁ ବୃନ୍ଦାବନ ଖଣ୍ଡୁଆଳଙ୍କ ଉଦ୍ୟମରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ କୋରାପୁଟ ଜିଲାର ପ୍ରସିଦ୍ଧ ତବଲା ବାଦକ ନିକୁଞ୍ଜ କିଶୋର ସାମଲ, ଶ୍ୟାମସୁନ୍ଦର ରାଓ ସହଯୋଗ କରିଥିଲେ।

### ନିଯୁକ୍ତି ପରାମର୍ଶ ଶିବିର

**ତେନ୍ତୁଳିଖୁଣ୍ଟି,୧୦।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶୁକ୍ରବାର ଓରମାସ୍ ଦ୍ୱାରା ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୪ଟି କମ୍ପାନୀର ଷ୍ଟଲ ରହିଥିଲା। ୫୯୪ ଜଣ ନିଯୁକ୍ତି ପାଇଁ ପଞ୍ଜୀକୃତ କରିଥିବା ବେଳେ ଶୁକ୍ରବାର ୨୭୬ ଜଣଙ୍କ କମ୍ପାନୀ ପକ୍ଷରୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଅକ୍ଷମିତା କାର୍ତ୍ତିକ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ତନୟସାଗର ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ ଓ ଜିଲା ସଂଯୋଜକ ଯୋଗ ଦେଇଥିଲେ। ବିଏସ୍ଓ ବଳରାମ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

### ସିପିଆଇ ପକ୍ଷରୁ ସ୍ମୃତିସଭା

**ଜୟପୁର,୧୦।୧(ନି.ପ୍ର.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବର୍ଷୀୟାନ ନେତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାସୁଦେବ ଦୋରାଙ୍କ ଗୁରୁବାର ପରଲୋକରେ ଗଭୀର ଶୋକ ପ୍ରକାଶ କରିଛି ସିପିଆଇ। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ସେ ଓଡ଼ିଶା ରାଜ୍ୟ କୃଷକ ସଭାର ସାଧାରଣ ସମ୍ପାଦକ ଥିଲେ। ତାଙ୍କ ପରଲୋକରେ ସିପିଆଇର କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ବେଣୁମାଧବ ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଗଣତନ୍ତ୍ର ଦିବସ ଭେନ୍ୟୁକୁ ନେଇ ଦ୍ୱନ୍ଦ୍ୱ

### ରାତାରାତି ବୈଠକ ନିଷ୍ପତ୍ତି ବଦଳାଇଲା ପ୍ରଶାସନ

**ଜୟପୁର,୧୦।୧(ଡି.ଏନ୍.ଏ.)**

ଜୟପୁର ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଗତ ବୁଧବାର ପ୍ରସ୍ତୁତି ବୈଠକ ସ୍ଥାନୀୟ ଆଇଟିଡିଏ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହୋଇଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆଇଟିଡିଓ ପିଏ ଗୋପୀନାଥ ସାରକା ଏଥିରେ ଅଧ୍ୟକ୍ଷତା କରିଥିଲେ। ଦଶହରା ପଡ଼ିଆରେ ଏହି ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ହଠାତ ଗୋଟିଏ ଦିନ ପରେ ଉପଖଣ୍ଡ ପ୍ରଶାସନ ରାତାରାତ ନିଷ୍ପତ୍ତି ବଦଳାଇ ଗତବର୍ଷ ଭଳି ଜୟପୁର ମୁଖ୍ୟରାସ୍ତାରେ ଏହାକୁ ପାଳନ କରିବା ପାଇଁ ସ୍ଥିର କରିଛି। ବୈଠକ ଆବାହକ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୀତବାସ ବିଶ୍ୱାଳ କହିଛନ୍ତି, ବୈଠକରେ ନିଷ୍ପତି ହୋଇଥିଲେ ମଧ୍ୟ କମିଟିର ଅଧ୍ୟକ୍ଷ ଚାହିଁଲେ ଆୟୋଜନ ସ୍ଥଳ ପରିବର୍ତ୍ତନ କରିପାରିବେ। ସ୍ଥାନ ପରିବର୍ତ୍ତନ ପାଇଁ ଅଧ୍ୟକ୍ଷ ତଥା ଉପଜିଲାପାଳଙ୍କୁ କେତେକ ବୁଦ୍ଧିଜୀବୀ ଫୋନ୍ରେ ଅନୁରୋଧ କରିଥିଲେ। କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଲୋକନାଥ ଦଳବେହେରା ଗସ୍ତକାର୍ଯ୍ୟରେ ବାହାରେ ଥିବାରୁ ତାଙ୍କୁ ଯୋଗାଯୋଗ ବେଳେ ସେ ଫୋନ୍ରେ କହିଥିଲେ, ସେ ଜୟପୁର ଫେରିବା ପରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଉଲ୍ଲେଖଯୋଗ୍ୟ, ୧୦ ବର୍ଷରୁ ଅଧିକ ସମୟ ଧରି ଜୟପୁର ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଦଶହରା ପଡ଼ିଆରେ ହୋଇଆସୁଥିଲା। କିନ୍ତୁ ୨୦୧୭ରେ ବର୍ଷା ଯୋଗୁ ଦଶହରା ପଡ଼ିଆରେ ପାଣି, କାଦୁଅ ଜମିବାରୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ବୈଠକ ନିଷ୍ପତ୍ତି ଅନୁଯାୟୀ ସହରର ମୁଖ୍ୟରାସ୍ତାକୁ ସ୍ଥାନାନ୍ତର କରାଯାଇଥିଲା।

## ଆବାସ ନାହିଁ, ଦଦରା ଘରେ ଅସହାୟ ମହିଳା

**ଦଶମନ୍ତପୁର,୧୦।୧(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ତାଲଗୁଡ଼ ଗ୍ରାମର ଜଣେ ଅସହାୟ ମହିଳାଙ୍କୁ ଏଯାବତ୍ ଆବାସ ଗୃହ ମିଳିନାହିଁ। ସେ ହେଲେ କାନ୍ଧୁ ସାଉନ୍ତାଙ୍କ ସ୍ତ୍ରୀ କତେ ଜାନୀ (୫୦)। ସେ ବର୍ତ୍ତମାନ ଏକାକୀ ଜୀବିକା ନିର୍ବାହ କରୁଛନ୍ତି। କେହି ଦୟାପରବଶ ହୋଇ ମୁଠାଏ ଖାଦ୍ୟ ଦେଲେ ସେଥିରେ ଗୋଟିଏ ଦିନ କଟୁଛି। ଝାଟି, ମାଟି ଘରଟିକୁ ସଜାଡ଼ି ରହୁଛନ୍ତି। ବର୍ଷାରେ ପାଣି ଗାଳୁଛି। ତଥାପି ସେହି ଘରେ ରହିବାକୁ ବାଧ ହେଉଛନ୍ତି କତେ। ଅଭିଯୋଗ ପରେ ମଧ ତାଙ୍କୁ ପ୍ରଶାସନ ଦୃଷ୍ଟି ନେଉ ନଥିବା ସେ କହିଛନ୍ତି।



ଦଦରା ଘର ଆଗରେ କତେ ଜାନି ।

## ଦ୍ୱିତୀୟ ପର୍ଯ୍ୟାୟରେ ୪୨ କୋଟିର ଟେଣ୍ଡର ଆହ୍ୱାନ

**ଜୟପୁର,୧୦।୧(ଡି.ଏନ୍.ଏ.)**

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଉଡାନ ଯୋଜନାରେ ଜୟପୁର ଏୟାରଷ୍ଟ୍ରିପ ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ଏଥିପାଇଁ ୪୨ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଏନେଇ ଠିକାସଂସ୍ଥା ଟେଣ୍ଡର ଦାଖଲ କରିଥିବା ବେଳେ ଉଠାଣ ସରିବା ପରେ ଚୁକ୍ତି କରାଯାଇ ଏକ ବର୍ଷ ମଧ୍ୟରେ ସମସ୍ତ ନିର୍ମାଣ କାମ ସରିବ ବୋଲି ଜୟପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ କହିଛି। ଉଲ୍ଲେଖଯୋଗ୍ୟ, ଉଡାନ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଜୟପୁର ଏୟାରଷ୍ଟ୍ରିପ୍ ପାଇଁ ୧୬ କୋଟି ଟଙ୍କାର ସଂପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୫୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। କେବଳ ସିଭିଲ ୱାର୍କ ପାଇଁ ୪୨ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ୯୦୦ ମିଟର

### ଏୟାରଷ୍ଟ୍ରିପ୍ ସଂପ୍ରସାରଣ

ରନୱେକୁ ବଢ଼ାଇ ଅଧିକ ୪୦୦ ମିଟର ନିର୍ମାଣ କରାଯିବ। ଏୟାରଷ୍ଟ୍ରିପର ଦକ୍ଷିଣ ଦିଗରେ ଥିବା କୋଲାବ ଉପକେନାଲ ଉପରେ ୨୩୦ ମିଟର ଲମ୍ବ ଓ ୨୦ ମିଟର ଓସାରର ବକ୍ସ ପୋଲ, ପାଚେରି, ଦ୍ୱିତୀୟ ଟର୍ମିନାଲ, ସୁରକ୍ଷାବଳଙ୍କ ପାଇଁ ବାରାକ୍, ଗାଡ଼ି ଓ ଅନ୍ୟ ସାମଗ୍ରୀ ମରାମତି ପାଇଁ ୱାର୍କଶପ୍ କରାଯିବ। ସେହିପରି ଜାତୀୟ ରାଜପଥରୁ ଏୟାରଷ୍ଟ୍ରିପ ସଂଯୋଗ କରୁଥିବା ରାସ୍ତାକୁ ୫ରୁ ୭ମିଟରକୁ ବଢ଼ାଯିବ। ବର୍ତ୍ତମାନ ଏଠାରେ ୨୮ ସିଟ ବିଶିଷ୍ଟ ବିମାନ ଅବତରଣ କରିବାର ବ୍ୟବସ୍ଥା ରହିଛି। ସମ୍ପ୍ରସାରଣ ଶେଷ ହେଲେ ବଡ଼ ବିମାନ ମଧ ଓହ୍ଲାଇପାରିବ। ୨୨ ତାରିଖରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଯୁଗ୍ମ ସଚିବ ଉଷା ପାଢ଼ୀ ଏଠାକୁ ଗସ୍ତକରି କାର୍ଯ୍ୟ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

## ଓସିଏର ନୂଆ ଗାଇଡ୍ ଲାଇନ



ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡାସଂଘର ସଦସ୍ୟମାନେ ।

### ଜିଲାସ୍ତରରେ ନୂତନ ପଦ୍ଧତିରେ ହେବ ଖେଳାଳି ଚୟନ

**ଜୟପୁର,୧୦।୧(ନି.ପ୍ର.)**

କ୍ରିକେଟ ଖେଳାଳି ଚୟନ ଆଉ ପୂର୍ବପରି ହେବନାହିଁ। ପୁରୁଣା ଉପରେ ରୋକ ଲଗାଇ ବର୍ତ୍ତମାନ ଓସିଏ ନୂତନ ଗାଇଡଲାଇନ ପ୍ରସ୍ତୁତ କରିଛି । ଜିଲାସ୍ତରରେ ନୂତନ ପଦ୍ଧତିରେ କ୍ରିକେଟ ଖେଳାଳି ଚୟନ କରାଯିବ। ବିକ୍ରମଦେବ ଷ୍ଟାଡିୟମରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ଜିଲା କ୍ରୀଡ଼ା ସଂଘ ସୂଚନା ଦେଇଛି। ଏହି ସମ୍ମିଳନୀରେ ସମ୍ପାଦକ ଅନୁପ ପାତ୍ର, ଉପସଭାପତି ରବି ନାୟକ, ରାଜ୍ୟ ଅମ୍ପାୟାର ଅସିତ ପଟ୍ଟନାୟକ, ସୀମାଞ୍ଚଳ ରାଉତ, ଭବାନୀ ମିଶ୍ର, ବାଲା ରାୟ ଉପସ୍ଥିତ ଥିଲେ। କନିଷ୍ଠରେ ୧୬ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ବରିଷ୍ଠରେ ୨୩ ବର୍ଷରୁ କମ୍ ଖେଳାଳି ଚୟନ କରାଯିବ। ୧୬ ବର୍ଷରୁ କମ୍ ପାଇଁ ୧।୧।୨୦୦୫ ପରେ ଜନ୍ମ ହୋଇଥିବା ଆବଶ୍ୟକ। ସେହିପରି ୧୯ ବର୍ଷରୁ କମ୍ ପାଇଁ ୧।୧।୨୦୦୨ ପରେ ଜନ୍ମ ହୋଇଥିବା ଜରୁରୀ। ବରିଷ୍ଠ ବା ୨୩ ବର୍ଷରୁ କମ୍ ପାଇଁ ୧।୧।୧୯୯୮ ପରେ ଜନ୍ମ ତାରିଖ ଥିବ। ବରିଷ୍ଠ ପାଇଁ ୧୫୦ ଜଣ ଓ କନିଷ୍ଠ ପାଇଁ ୧୫୦ ଜଣ ଖେଳାଳି ଚୟନ କରାଯିବ। ଜିଲାର ଖେଳାଳିମାନେ ଆସନ୍ତା ୧୩ ତାରିଖ ସୋମବାରଠାରୁ ଅନଲାଇନ ଓ ଅଫଲାଇନରେ ନାମ ପଞ୍ଜିକରଣ କରିପାରିବେ। ଏମାନଙ୍କୁ ନେଇ ୧୦ଟି ଟିମ୍ କରାଯିବ। ଜୟପୁର ଓ କୋରାପୁଟରେ ଖେଳ ଅନୁଷ୍ଠିତ ହେବ। ଗୋଟିଏ ଟିମ୍କୁ ୪ରୁ ୫ଟି ମ୍ୟାଚ ଖେଳିବାର ସୁଯୋଗ ମିଳିବ। ୧୭ ତାରିଖ ନାମ ପଞ୍ଜିକରଣର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ଫେବୃୟାରୀରେ ଖେଳାଳି ଚୟନ ପାଇଁ କ୍ରିକେଟ୍ ଖେଳାଯିବ।

## ଭାରପ୍ରାପ୍ତଙ୍କ ମୁଣ୍ଡରେ ବ୍ଲକ ପ୍ରଶାସନ ଭାର

### ବହୁ ବିଭାଗର ଅତିରିକ୍ତ ଦାୟିତ୍ୱ ନେଇ କାର୍ଯ୍ୟ ତୁଲାଉଛନ୍ତି ଅଧିକାରୀ

**ସନ୍ତୋଷ ପ୍ରହରାଜ**
**କୁନ୍ଦୁରା,୧୦।୧**

କୋରାପୁଟ ଜିଲାର ଉପାନ୍ତ କୁନ୍ଦୁରା ବ୍ଲକରେ ନିଯୁକ୍ତ ପ୍ରଶାସନିକ ଅଧିକାରୀ ବଦଳି ପରେ ବଦଳି ହୋଇ ଯାଉଛନ୍ତି। ସେମାନଙ୍କ ସ୍ଥାନରେ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦେଇ ବିଭାଗ କାମ ଚଳାଉଛି ପ୍ରଶାସନ। ବହୁ ବିଭାଗରେ ଭାରପ୍ରାପ୍ତ ଅଧିକାରୀ ହିଁ ଅତିରିକ୍ତ ଦାୟିତ୍ୱରେ ରହି ବ୍ୟବସ୍ଥା ସମ୍ଭାଳିଛନ୍ତି।

କୁନ୍ଦୁରା ବ୍ଲକର ପ୍ରାୟତଃ ୭ଟି ସ୍ଥାନରେ ଇନ୍‌ଚାର୍ଜମାନେ ହିଁ କାମ ଚଳାଉଥିବା ନଜରକୁ ଆସିଛି। ଗତ ସାଧାରଣ ନିର୍ବାଚନ ପରେ ବ୍ଲକର ଅଧିକାରୀମାନଙ୍କୁ ବଦଳି କରାଯିବା ପରେ ସେହି ସ୍ଥାନରେ ନୂତନ ନିଯୁକ୍ତି ହୋଇନାହିଁ। ବରଂ ପୁରୁଣା କର୍ମଚାରୀ ଓ କନିଷ୍ଠ ପଦବୀରେ ଥିବା ଅଧିକାରୀଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଲଦିଦେଇ ସରକାର ଚୁପ ହୋଇ ବସିଛନ୍ତି। ଏଠାରେ ଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ଚନ୍ଦ୍ର ପଟ୍ଟନାୟକଙ୍କ ଅବସର ପରେ କୋଟପାଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କୁ କୁନ୍ଦୁରା ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନେକ ବିଦ୍ୟାଳୟରେ ଶିକ୍ଷାବର୍ଷର ୮ ମାସ ବିତିଯାଇଥିଲେ ମଧ୍ୟ ଶିକ୍ଷକ ଅଭାବ ପୂରଣ ହୋଇପାରୁନି। ଆଉ କିଛି ଦିନ ପରେ ମାଟ୍ରିକ ପରୀକ୍ଷା ଥିବାବେଳେ ଚିନ୍ତାରେ ରହିଛନ୍ତି ଅଭିଭାବକ। ଏହି ସମସ୍ୟା ସୁଧାରିବା ପାଇଁ କୁନ୍ଦୁରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତତ୍କାଳୀନ ଜିଲାପାଳ ଭି. ଜୟକୁମାର, ଅନୁପମ ସାହା, କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବର୍ତ୍ତମାନ କାର୍ଯ୍ୟରତ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ମଧ୍ୟ ଅବଗତ କରାଯାଇଛି । ପ୍ରାଥମିକ ବିଦ୍ୟାଳୟରେ ୨୫ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଉଚ୍ଚ ବିଦ୍ୟାଳୟରେ ୧୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଆବଶ୍ୟକ। ବ୍ଲକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଡିଓ ପଦବୀରେ ଶ୍ୱେତା ସ୍ନିଗ୍ଧା ପ୍ରଧାନଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ସତ୍ୟସୁନ୍ଦର ରାଉତଙ୍କୁ ଯୋଗଦେବା ପାଇଁ ଚିଠି ହୋଇଛି। କିନ୍ତୁ ଏଯାବତ୍ ନୂତନ ବିଡିଓ ଯୋଗଦେଇ ନ ପାରିବା ପଛରେ ରାଜନୀତି କାମ କରୁଥିବା ସନ୍ଦେହ ଉପୁଜିଛି। ଗତ ଦିନରେ ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ପଡ଼ିଛି। ଗରିବ ଲୋକେ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେହିପରି କୁନ୍ଦୁରା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ପାଇଁ ଥାନାରେ ଇନ୍ସପେକ୍ଟର ପଦବୀ ରହିବା କଥା। କିନ୍ତୁ ତତ୍କାଳୀନ ଆଇଆଇସିମାନେ ଦୀର୍ଘ ଦିନ ସେହି ଦାୟିତ୍ୱ ଚିରାଚରିତ ଭାବେ ତୁଲାଇ ଆସୁଥିଲେ। ଯଦିଓ ନବ ନିଯୁକ୍ତ ଓଆଇସି ଗଞ୍ଜେଇ ଚାଲାଣ, ଡକାୟତି, କୁକୁଡ଼ାଗାଲି ବନ୍ଦ କରିବା ଭଳି ପଦକ୍ଷେପ ନେଉଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହେଉଛି ତହସିଲଦାର ପଦବୀ ଯାହା ଏଠାରେ ଖାଲି ପଡ଼ିଛି। ବନ ବିଭାଗ ଅଧୀନରେ ଏକ ରେଞ୍ଜର ପଦବୀ ରହିଥିବା ବେଳେ ଜଣେ ଡେପୁଟି ରେଞ୍ଜରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଫଳରେ ପ୍ରଶାସନିକ ବ୍ୟବସ୍ଥା କିପରି ପରିଚାଳିତ ହେଉଥିବ, ଏଥିରୁ ସ୍ପଷ୍ଟ ଅନୁମେୟ। ଜିଲାପାଳ ଏ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ଘାଟିରେ ଜଳିଗଲା କୁଣ୍ଡା ବୋଝେଇ ଟ୍ରକ୍



ଗୁଣପୁର,୧୦।୧(ଡି.ଏନ.ଏ): ରାୟଗଡା ଜିଲା ରାମନାଗୁଡା ବ୍ଲକ ପାରିଖିଡି ଘାଟିରେ ଶୁକ୍ରବାର ଅପରାହ୍ନରେ ଏକ କୁଣ୍ଡା ବୋଝେଇ ଟ୍ରକ ଜଳିଯାଇଛି । ଟ୍ରକଟି ମୁନିଗୁଡାରୁ ଆନ୍ଧ୍ର ଅଭିମୁଖେ ଯାଉଥିବାବେଳେ ପାରିଖିଡି ଘାଟିରେ କୌଣସି କାରଣରୁ ଟ୍ରକରେ ନିଆଁ ଲାଗିଯାଇଥିଲା । ଚାହୁଁ ଚାହୁଁ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଖବରପାଇ ଗୁମୁଡା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

### ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ସ୍ତ୍ରୀ,ପ୍ରସୂତି ବିଶେଷଜ୍ଞ ନିଯୁକ୍ତି ଦାବି



ରାୟଗଡ଼ା ଅଫିସ,୧୦।୧: ରାୟଗଡ଼ା ଜିଲା ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ନାହାନ୍ତି ସ୍ତ୍ରୀ ଓ ପ୍ରସୂତି ଡାକ୍ତର । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଶୁକ୍ରବାର ଗୁଣପୁରବାସୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ଚିକିତ୍ସାଳୟରେ ଥିବା ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ପ୍ରଦୀପ ପଣ୍ଡାଙ୍କୁ ଡ଼େପୁଟେଶନରେ ମୁନିଗୁଡ଼ା ପଠାଯାଇଛି । ଉକ୍ତ ଡାକ୍ତରଖାନାରେ ପ୍ରସୂତି ଡ଼ାକ୍ତର ନ ଥିବାରୁ ଗରିବ ଶ୍ରେଣୀର ଲୋକେ ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି । ପ୍ରଦୀପ ପଣ୍ଡାଙ୍କ ବଦଳି ବା ଡ଼େପୁଟେସନ ନାକଚ କରି ପୁନଃ ଥଇଥାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

### ଓକିଲଙ୍କ କାର୍ଯ୍ୟବନ୍ଦ

ରାୟଗଡ଼ା ଅଫିସ, ୧୦।୧: ରାୟଗଡ଼ା କୋର୍ଟର କିରାଣି ଜେଭି ରାବଣା ମୂର୍ତ୍ତିଙ୍କ ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି । ଏନେଇ ବାର ଆସୋସିଏଶନ ତରଫରୁ ଶୁକ୍ରବାର ଓକିଲମାନେ କାର୍ଯ୍ୟ ବନ୍ଦ କରିଥିଲେ। ଏଥିସହ ତାଙ୍କ ପରିବାରକୁ ୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ବାର୍ ଆସୋସିଏଶନ ସଭାପତି ବ୍ରଜ ସୁନ୍ଦର ନାୟକ, ସମ୍ପାଦକ ପଦ୍ମନାଭ ଦାସ , ଆଇନଜୀବୀ ଲାବଣ୍ୟମହୋନ ପଟ୍ଟନାୟକ , ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ । ଏହି ଅବସରରେ ଓକିଲମାନଙ୍କ ଦ୍ୱାରା ଏକ ଶୋକସଭା ଆୟୋଜିତ ହୋଇଥିଲା ।

### ନିଯୁକ୍ତି ପରାମର୍ଶ ଶିବିର

ତେନ୍ତୁଲିଖୁଣ୍ଟି,୧୦।୧(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶୁକ୍ରବାର ଓରମାସ୍ ଦ୍ୱାରା ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୪ଟି କମ୍ପାନୀର ଷ୍ଟଲ ରହିଥିଲା। ୫୯୪ ଜଣ ନିଯୁକ୍ତି ପାଇଁ ପଞ୍ଜୀକୃତ କରିଥିବା ବେଳେ ଶୁକ୍ରବାର ୨୭୬ ଜଣଙ୍କ କମ୍ପାନୀ ପକ୍ଷରୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଅକ୍ଷମିତା କାର୍ତ୍ତିକ ଅଧକ୍ଷତା କରିଥିଲେ।

# ଖର୍ଚ୍ଚ ହେଉନି ଉନ୍ନୟନ ପାଣ୍ଠି ଟଙ୍କା

ରାୟଗଡ଼ା ଅଫିସ ,୧୦।୧

ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ରାୟଗଡ଼ା ଜିଲା ଯୋଜନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟସଭା ସଦସ୍ୟ ଏନ. ଭାସ୍କର ରାଓ ଉଦ୍ୟାନ ବିଭାଗ ଏବଂ ୱାଟର ସେଡ଼ ଉପରେ ବର୍ଷିଥିଲେ। ହିତାଧିକାରୀଙ୍କ ତାଲିକା ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ପ୍ରଦାନ କରାଯାଉନାହିଁ ବୋଲି ସେ କହିଥିଲେ । କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଯୋଗ ଦେଇ ଏମ୍‌ପି ଉନ୍ନୟନ ପାଣ୍ଠି ଟଙ୍କା ଖର୍ଚ୍ଚ କରାଯାଉନାହିଁ। ନଭେମ୍ବରରୁ ପ୍ରକଳ୍ପ ତାଲିକା ଦିଆଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୧ ପ୍ରତିଶତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ ହେଉନାହିଁ । ଯାହାଦ୍ୱାରା ଆଗାମୀ ଦିନରେ ଅନୁଦାନ ମିଳିବା କଷ୍ଟ ହେବ । ରାୟଗଡ଼ାରେ ମ୍ୟୁନିସିପାଲିଟି ଏବଂ ପୂର୍ତ୍ତ ବିଭାଗର ରାସ୍ତାଗୁଡ଼ିକ ଅତ୍ୟନ୍ତ ଶୋଚନୀୟ ବୋଲି କହିଥିଲେ । ଏଥିରେ ଯଦି ଟଙ୍କା ଖର୍ଚ୍ଚ ହେଉଛି ତାହା କାମରେ ଦେଖାଯାଉନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ । ସେହିପରି ଆଦିବାସୀ ଜାତି ଜନଜାତି ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଥିଲେ ଯେ, ୨୦୧୭-୧୮ରେ ୫୩ ପ୍ରତିଶତ ଖର୍ଚ୍ଚ ହୋଇଛି । ୨୦୧୮-୧୯ ରେ ୫୦ ପ୍ରତିଶତ ଖର୍ଚ୍ଚ ହୋଇଛି । ଏହିଭଳି ହେବା ଦ୍ୱାରା ଆଗାମୀ ଦିନରେ ଅନୁଦାନ ପାଇବା କଷ୍ଟ ବୋଲି କହିଥିଲେ । ଆଶ୍ରମ, ସେବାଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ଗୁହାଳରେ ରଖିବା ପରି ରଖାଯାଉଛି। ପିଲାଙ୍କୁ ପାଠ ପଢ଼ିବା ପାଇଁ ଉପଯୁକ୍ତ ପରିବେଶ ଏବଂ ତାଙ୍କ ପାଇଁ ଆବଶ୍ୟକ ଥିବା ଇନଫ୍ରାଷ୍ଟ୍ରକଚର ଗୁଡ଼ିକ ଠିକ୍ କରିବା ଦରକାର ବୋଲି ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ କହିଥିଲେ। ଉକ୍ତ ସ୍କୁଲରେ ପିଲାଙ୍କୁ ଅତ୍ୟନ୍ତ' ଅବ୍ୟବସ୍ଥାରେ ରଖାଯାଉଛି । ଏସବୁ ଠିକ୍ ହେବା ଆବଶ୍ୟକ ବୋଲି ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ଏବଂ ରାୟଗଡ଼ା ଜିଲା ଯୋଜନା କମିଟି ଅଧ୍ୟକ୍ଷା ପଦ୍ମିନୀ ଦିଆନ କହିଥିଲେ । କୌଣସି ବିଭାଗର ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହା ଲୋକ ପ୍ରତିନିଧି, ବିଧାୟକ ଏବଂ ଏମ୍‌ପି ଜାଣିବା ଦରକାର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବିଜୁକେବିକେ ଯୋଜନା ପାଣ୍ଠିର ଅନୁଦାନ ଖର୍ଚ୍ଚ ଓ ବିନିଯୋଗ ଉପରେ ସମୀକ୍ଷା ହୋଇଥିଲା । ବିଜୁ କେବିକେ ଯୋଜନା ପାଣ୍ଠିରେ ଜିଲାକୁ ସର୍ବମୋଟ ୨୦୦ କୋଟି ୫୦ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲା । ତନ୍ମଧ୍ୟରୁ ୧୮୦ କୋଟି ୭୪ ଲକ୍ଷ ଖର୍ଚ୍ଚ ହୋଇଛି । ୧୪୫ କୋଟି ୬୬ ଲକ୍ଷ ର ହିଁ ୟୁସି ପ୍ରମାଣ ପତ୍ର ସରକାରଙ୍କୁ ପ୍ରଦାନ ହୋଇଛି । ୨୦୦୬ -୦୭ ଠାରୁ ୨୦୧୮ -୧୯ ଅନୁଦାନ ଖର୍ଚ୍ଚ ଓ ଉନ୍ନୟନ କାର୍ଯ୍ୟକ୍ରମ ବିବରଣୀ ଉପରେ ସମୀକ୍ଷା ହୋଇଥିଲା। ଗୋପବନ୍ଧୁ ଗ୍ରାମୀଣ ଯୋଜନାର ସମୀକ୍ଷା ,ରାୟଗଡ଼ା କୁ ଆସିଥିବା ରାଜ୍ୟ ଯୋଜନା ପାଣ୍ଠି , କେନ୍ଦ୍ର ଯୋଜନା ପାଣ୍ଠି , ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଣ୍ଠି ମାଧ୍ୟମରେ ଖର୍ଚ୍ଚ ହୋଇଥିବା ଅର୍ଥ ର ବିବରଣୀ ପାଠ କରାଯାଇଥିଲା । ବାର୍ଷିକ ଯୋଜନା ପ୍ରକଳ୍ପ ପାଇଁ ଅନୁଦାନ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି , ପିଡ଼ି ଅମ୍ରିତ ଋତୁରାଜଙ୍କ ସମେତ ଜିଲା ପରିଷଦ ସଭ୍ୟ, ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଲୋକପ୍ରତିନିଧିଙ୍କ ସହ ଅନ୍ୟଅଧିକାରୀମାନେ ।

**ଜିଲା ଯୋଜନା କମିଟି ବୈଠକ**
- ଆରମ୍ଭ ହୋଇନି ୧ % କାମ
- ରାୟଗଡ଼ାର ବହୁ ରାସ୍ତା ଶୋଚନୀୟ
- ଆଶ୍ରମ,ସେବାଶ୍ରମ ପିଲା ଗୁହାଳରେ ରହିବା ପରି ରହୁଛନ୍ତି

## ଗୁଣପୁର କୋର୍ଟରେ ହାଜର ହେଲେ ସବ୍ୟସାଚୀ

ଗୁଣପୁର,୧୦।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ହାଜର ହୋଇଛନ୍ତି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା । ତାଙ୍କର ଦୁଇ ଦିନ ଧରି ବିଚାରଣା ହୋଇଥିଲା। ଏଥିରେ ବିଭିନ୍ନ ମାମଲାରେ ୮ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଶୁକ୍ରବାର ଏଡିଜେ କୋର୍ଟରେ ୨୦୦୪ ଡାଙ୍ଗସୋରଡା ଫାଣ୍ଡି ବିସ୍ଫୋରଣ ଏବଂ ସିଆର୍‌ପିଏଫ୍ ଯବାନ ଆହତ ମାମଲାରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ଏଡିଜେ ଅଜୟ କୁମାର ପ୍ରଧାନଙ୍କ ନିକଟରେ ସାକ୍ଷୀମାନେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା ବୟାନ ଦେଇଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ । ସରକାରଙ୍କ ପକ୍ଷରୁ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଆସନ୍ତା ୫ରେ ପୁଣି ସବ୍ୟସାଚୀଙ୍କୁ କୋର୍ଟରେ ହାଜର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ।



ସବ୍ୟସାଚୀ ପଣ୍ଡାଙ୍କୁ କୋର୍ଟକୁ ନିଆଯାଉଛି ।

## ଟ୍ରେନ୍ ଧକ୍କାରେ ଯୁବତୀ ମୃତ

ମୁନିଗୁଡା, ୧୦।୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ନିକଟସ୍ଥ ଦାଣ୍ଡରା ଲେଭଲ କ୍ରସିଂ ଗେଟ୍ ନିକଟରେ ଟ୍ରେନ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଢ଼େପାଗୁଡା ଗ୍ରାମର ଅରକ୍ଷିତ ଟାକିରିଙ୍କ ଝିଅ କାନ୍ତମା ଟାକିରି (୨୮) । ସେ ଟ୍ରେନ୍ ଲାଇନ୍ ପାର ହେଉଥିବା ବେଳେ କୌଣସି ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତଦେହ ରେଳ ଧାରଣା ଉପରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳପଥ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, କାନ୍ତମା ସ୍ୱାମୀ ପରିତ୍ୟକ୍ତା ହୋଇ ନିଜ ବାପଘରେ ରହୁଥଲେ। ଏହାକୁ ନେଇ ସେ ସବୁବେଳେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ । ମୁନିଗୁଡା ଜିଆର୍‌ପି ଏଏସ୍‌ଆଇ ମକାରୁ ସାହୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।

## ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ରାୟଗଡ଼ା ଅଫିସ ,୧୦।୧

ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପାଠପଢା ସହ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। କ୍ରୀଡ଼ା ଦ୍ୱାରା ଜଣେ ସୁସ୍ଥ ରହେ ବୋଲି ମଧ୍ୟ କହିଥିଲେ । ସର୍ବପ୍ରଥମେ କଲେଜ ପଡ଼ିଆରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ଼୍ ପ୍ରଦର୍ଶିତ ହୋଇଥିଲା । ଏହାପରେ ଶପଥ ପାଠ ହୋଇଥିଲା । ଏଥିରେ ସମସ୍ତ ଅଧ୍ୟାପକ କଲେଜ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୌଡ଼ , ସଟ୍‌ପୁଟ , ଲଙ୍ଗ ଜମ୍ପ , ହାଇ ଜମ୍ପ ପ୍ରଭୃତି ଖେଳ ହୋଇଥିଲା । ଏହାକୁ ପିଇଟି ଶିକ୍ଷକ ସୁଧୀର ସ୍ୱାଇଁ , ଗୌରୀ ସାହୁ , ପ୍ରମୋଦ ପ୍ରଧାନ , ବି . ରାମୁ ପରିଚାଳନା କରିଥିଲେ । କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ସାହୁ ତଦାରଖ କରିଥିଲେ । କ୍ରୀଡ଼ା ସଂସଦ ସଭାପତି ପ୍ରଫେସର କେ. ଶଶୀ, ଗିରିଶ ପଟ୍ଟନାୟକ , ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବାର୍ଷିକ କ୍ରୀଡ଼ାରେ ଉପସ୍ଥିତ ଛାତ୍ରୀଛାତ୍ର ।

## ହିତାଧିକାରୀଙ୍କୁ ମିଠା ମକା ବିହନ ବଣ୍ଟନ

ଚନ୍ଦ୍ରପୁର/ଗୁଣପୁର , ୧୦।୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦର ମହକୁମାରେ ଥିବା କୃଷି ସୂଚନା ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଗୁରୁବାର ୭ ଅଗ୍ରଣୀ ମହିଳା ଓ ପୁରୁଷ ଚାଷୀଙ୍କୁ ମିଠା ମକା ବିହନ ବଣ୍ଟନ କରାଯାଇଛି। ଏଥିମଧ୍ୟରୁ ସାରିକଣା ପଞ୍ଚାୟତର ଅଗଣୀ ମହିଳା ଚାଷୀ ପ୍ରୀତିଲତା ପ୍ରଧାନ, ଚୁରୀଗୁଡାର ଯାଞ୍ଜୁ ମୁଣ୍ଡିକା, ରମେଶ ମୁଣ୍ଡିକା, ଡାଙ୍ଗସୋରଡାର ଅହଲ୍ୟା ବିଶୋଇ, ଲକ୍ଷ୍ମୀ ବଦ୍ୟଙ୍କୁ ମାଗଣାରେ ଏହି ବିହନ ପ୍ରଦାନ କରାଯାଇଛି ବୋଲି ଚନ୍ଦ୍ରପୁର ବ୍ଲକର ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼ କହିଛନ୍ତି । ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମିଠାମକା ଚାଷ ପ୍ରଣାଳୀ, ଉନ୍ନତ ଧରଣର ଚାଷ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସାମାଡ଼ ମୁଖ୍ୟଅତିଥି, କୃଷି ଅଧିଦର୍ଶକ ରଜନୀ ମିଶ୍ର, ସୁରେନ୍ଦ୍ର ନାୟକ, ପ୍ରଭାତ କୁମାର ସାହୁ, ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ଗୁଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଚାଷୀଙ୍କୁ ମିଠା ମକା ବିହନ ପ୍ରଦାନ କରାଯାଇଛି । ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁଚିତ୍ରା ମହାପାତ୍ର, ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର ଏବଂ କୃଷି ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଚାଷୀଙ୍କୁ ବିହନ ପ୍ରଦାନ କରିଥିଲେ । ଶିରିଝୋଲିର ୨୦, ଗାଦିଆଖଳାର ୧୦ ଚାଷୀଙ୍କୁ ୪୦୦ ଗ୍ରାମ ଲେଖାଏଁ ମିଠାମକା ବିହନ ପ୍ରଦାନ କରାଯାଇଥିଲା ।




ଗୁଣପୁରରେ ଚାଷୀଙ୍କୁ ମିଠା ମକା ବିହନ ପ୍ରଦାନ କରାଯାଇଛି ।

## ବିଭିନ୍ନ ସ୍ଥାନରେ ମହାରାଜାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ପାରଳାଖେମୁଣ୍ଡି/କାଶୀନଗର, ୧୦।୧(ସ୍ୱ.ପ୍ର./ଡି.ଏନ୍.ଏ.)

ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ବିୟୋଗରେ ଗଜପତି ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଙ୍ଗଠନ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଶୋକବ୍ୟକ୍ତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଲାର ଗୁମ୍ମା ବ୍ଲକ୍ ଅଧୀନ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶୋକ ବ୍ୟକ୍ତ କରାଯିବା ସହ ମହାରାଜାଙ୍କ ସ୍ମୃତିଚାରଣ କରାଯାଇଥିଲା। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କନିଷ୍ଠ ମହିଳା ମହାବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲାର କାଶୀନଗରଠାରେ ମଧ ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ବ୍ଲକ ରିସୋର୍ସ ସେଣ୍ଟର ପରିସରରେ ଏବିଇଓ ଜେ. କାରେୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ମୀନା ବେହେରା, ସିଆରସିସି ବସନ୍ତ କୁମାର ମିଶ୍ର, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ପ୍ରଶାନ୍ତ ମିଶ୍ର ଯୋଗଦେଇ ମହାରାଜା ଗୋପୀନାଥ ଗଜପତିଙ୍କୁ ମନେ ପକାଇବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବଂଶଧାରା ପାଠାଗାର ପରିସରରେ ମଧ ଅନୁଷ୍ଠାନର ସଭାପତି ହୃଷିକେଶ ଗୌଡ଼ଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବାବେଳେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ଆଇନଜୀବୀ ଜଗଦିଶ ପାତ୍ର, ପ୍ରକାଶ ଚନ୍ଦ୍ର ପାତ୍ର, ସମାଜସେବୀ ସୀମାଞ୍ଚଳ ମହାରଣା, ରାଜେଶ ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, କବିରାଜ ରମାକାନ୍ତ ପାତ୍ର ଯୋଗଦେଇ ପାରଳା ରାଜ ପରିବାରର ଓଡ଼ିଶା ପାଇଁ ଅବଦାନ ବିଷୟରେ ଆଲୋଚନା କରିଥିଲେ।

## ଆଦର୍ଶ ବୃତ୍ତି ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୧୦।୧

ରାୟଗଡ଼ା ଜିଲା ନିୟୋଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଦର୍ଶ ବୃତ୍ତି ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜେକେ ପେପର ପାର୍ଟନରଶିପ ରହିବ ବୋଲି ସୂଚନା ମିଳିଛି । ଯୁବ ଗୋଷ୍ଠୀଙ୍କୁ ପରାମର୍ଶ ଏବଂ ପ୍ରଶିକ୍ଷଣ ମାଧ୍ୟମରେ ବିଶେଷ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଶୁଭାରମ୍ଭ ହୋଇଛି । ଏହି କେନ୍ଦ୍ର ଦ୍ୱାରା ଯୁବଗୋଷ୍ଠୀଙ୍କୁ ନିଃଶୁଳ୍କ ରୋଜଗାରର ଧାରଣା ଏବଂ କେଉଁ ଇଣ୍ଟରଭ୍ୟୁ ପାଇଁ କେମିତି ପ୍ରସ୍ତୁତ ହେବେ ଏବଂ କେଉଁ କମ୍ପାନୀରେ କି ନିଯୁକ୍ତି ରହିଛି ସେନେଇ ପରାମର୍ଶ ଦିଆଯିବ । ରାୟଗଡ଼ା ଜିଲାର ଯୁବ ଗୋଷ୍ଠୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତିର ସୁଯୋଗ ମିଳିବ। କୌଣସି ପ୍ରଶିକ୍ଷଣ ବା ନିଯୁକ୍ତି ପୂର୍ବରୁ ଯୁବକମାନଙ୍କୁ ମନୋ ବୈଜ୍ଞାନିକ ପଦ୍ଧତି ପରୀକ୍ଷା କରିବା ପାଇଁ ଅନୁଭୂତି, ବୃତ୍ତିଗତ ଦକ୍ଷ ପେସାଧାରୀଙ୍କ ଦ୍ୱାରା ପରାମର୍ଶ ଦିଆଯବ । ଏହି କାର୍ଯ୍ୟକ୍ରମରେ କନଭେନର ସିଆଇଆଇ ଓଡ଼ିଶା ସିଏସଆରର ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ, ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା , ଜିଲା ନିୟୋଜନ ଅଧିକାରୀ ଆରପି ଟେଟେ ପ୍ରମୁଖ ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

### ■ ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଗୁମ୍ମା ଲକ୍ଷ୍ମୀପୁର ଚାମ୍ପିୟନ

ଗୁଣପୁର,୧୦।୧(ଡ଼ି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଆଦର୍ଶ ନଗରଠାରେ ଗତ ୩ ତାରିଖରୁ ଚାଲିଥିବା ଆନ୍ତଃ ରାଜ୍ୟ ଡବଲସ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହାର ଫାଇନଲ ମ୍ୟାଚ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହୋଇଛି । ଫାଇନାଲ ମ୍ୟାଚ ଖରସୱାଡା ଏବଂ ଗୁମା ଲକ୍ଷ୍ମୀପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଗୁମ୍ମାଲକ୍ଷ୍ମୀପୁର ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ ଖରସୱାଡା ଦଳକୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫ୍ରେଣ୍ଡସ ବ୍ୟାଡ଼ମିଣ୍ଟନ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସଭାପତି ବିଷ୍ଣୁ ପ୍ରସାଦ ପାତ୍ରୀ, ସମ୍ପାଦକ ଚନ୍ଦ୍ରଶେଖର ଧୂଳିଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଚାମ୍ପିୟନ ଦଳକୁ ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି

### ■ ଜିଲା ପରିଷଦ ଅଧ୍ୟକ୍ଷଙ୍କ ମୃତ୍ୟୁ ଘଟଣା

## ରହସ୍ୟ ପର୍ଦ୍ଦାଫାଶ କରିବାରେ ପୋଲିସ ବିଫଳ

ଗୁଣପୁର,୧୦।୧(ଡି.ଏନ.ଏ)

**୧୩ରେ କଂଗ୍ରେସର ରାସ୍ତାରୋକୋ**

ଗତ ୨୪ ତାରିଖ ରାତିରେ ବାଇକ୍ ଦୁର୍ଘଟଣାରେ ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ବାଇକ ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁକୁ ପରିବାର ସଦସ୍ୟଙ୍କ ସହ କଂଗ୍ରେସ ସହଜରେ ଗ୍ରହଣ କରି ପାରୁନାହିଁ । ତାଙ୍କର ମୃତ୍ୟୁ ଏବଂ ମୃତ୍ୟୁସ୍ଥଳକୁ ଅନୁଧ୍ୟାନ କରାଗଲେ ପ୍ରାୟୋଜିତ ଭାବେ ମୃତ୍ୟୁ ଘଟିଥିବା ଜଣାଯାଉଛି । ଏହି ଘଟଣାର ପ୍ରକୃତ ରହସ୍ୟ ପର୍ଦ୍ଦାଫାସ କରିବାରେ ପୋଲିସ ବିଫଳ ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଇତିମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ପ୍ରଶାସନ ପ୍ରକୃତ ତଥ୍ୟ ପ୍ରଦାନ କରି ପାରିନାହିଁ । ଏଣୁ ଏହାକୁ ନେଇ କଂଗ୍ରେସ ପକ୍ଷରୁ ଆସନ୍ତା ୧୩ ତାରିଖରେ ରାମନାଗୁଡା ବ୍ଲକ ବାଙ୍ଗି ଛକଠାରେ ରାସ୍ତାରୋକୋ କରାଯିବ ବୋଲି କୁହାଯାଇଛି । ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ କଂଗ୍ରେସର ନେତା ଏବଂ କମୀମାନେ ସାମିଲ ହେବେ । ଜିଲା କଂଗ୍ରେସ କମିଟି ସଭାପତିଙ୍କ ପକ୍ଷରୁ ଗୁଣପୁର ଥାନାକୁ ପ୍ରଦତ୍ତ କରାଯାଇଥିବା ପତ୍ରରେ ଏହା ଜଣାପଡିଛି । ଗତ ୩୦ ତାରିଖରେ ଜୟପୁର ବିଧାୟକ ଗୁଣପୁର ଆସି ୭ଦିନ ମଧ୍ୟରେ ଘଟଣାର ତଦନ୍ତ କରାଯାଇ ପ୍ରକୃତ କାରଣ ଜଣା ନ ପଡ଼ିଲେ ଅବିଭକ୍ତ କୋରାପୁଟ ଜିଲାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି ଘଟଣାରେ ପୋଲିସ ତଦନ୍ତ କରି ନ ପାରିଲେ ଏସଆଇଟି କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ କରୁ ବୋଲି ବାହିନିପତି କହିଥିଲେ । ସୂଚନାଯୋଗ୍ୟ ଯେ, ପୁରୁଷୋତ୍ତମ ଗତ ୨୪ ତାରିଖ ରାତିରେ ନିଜ ସମର୍ଥକଙ୍କ ସହ ରାୟଗଡାରୁ ଗୁଣପୁର ଅଭିମୁଖେ ଆସୁଥିଲେ । ତାଣ୍ଡିକଣା ଛକରେ କାର ଛାଡି ଏକ ବାଇକରେ ଗୁଣପୁର ବାହାରିଥିଲେ । ତାଣ୍ଡିକଣାଠାରୁ କିଛି ଦୁର ଯିବା ପରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ରାମନାଗୁଡା ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଅବସ୍ଥା ସଂକଟାପନ୍ନ ଥିବାରୁ ଶ୍ରିକାକୁଳମ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଗୋଟିଏ ଦିନରେ ତାଙ୍କର ଅଧ୍ୟକ୍ଷ ପଦ ଚାଲିଯିବା ଏବଂ ମୃତ୍ୟୁ ହେବା ଦଳୀୟ କର୍ମକର୍ତ୍ତା ସହ ଶୁଭେଚ୍ଛୁମାନଙ୍କୁ ଶକ୍ତ ଆଘାତ ଦେଇଥିଲା । ପ୍ରଥମେ ଏହି ଘଟଣାକୁ ନେଇ ଗତ ୨୮ ତାରିଖରେ କଂଗ୍ରେସ ପକ୍ଷରୁ ରାମନାଗୁଡା ବନ୍ଦ ପାଳନ କରାଯାଇଥିଲା ।